(2017-18)

Exam copy 23.09.17. PKT 60

# D.A.V PUBLIC SCHOOLS, BHUBANESWAR
## HALF YEARLY EXAMINATION, 2017-18
## CLASS – VI
## SUB : LOWER ODIA

Time : 3 Hrs — MAXIMUM MARKS : 80

ସୂଚନା :
- ଏହି ପ୍ରଶ୍ନ ପତ୍ରରେ ଦୁଇଟି ବିଭାଗ ଓ ୯ଟି ପ୍ରଶ୍ନ ରହିଛି ।
- ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତା ମୂଳକ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ପୂର୍ବରୁ ନମ୍ବର ଲେଖିବା ଆବଶ୍ୟକ ।
- ଅକ୍ଷର ସୁନ୍ଦର ଓ ପରିଷ୍କାର ହେବା ଉଚିତ୍ ।

### 'କ' ବିଭାଗ

୧. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପାଠ କରି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଦୋଳଛୁଟି ଆସିଲେ ଛୁନୁର ମନ ଛନଛନ ହୁଏ । ବର୍ଷସାରା ସେ ଚାକି ରହିଥାଏ ସେଇ ସମୟକୁ । ଛୁଟି ଯୋଗୁଁ ସ୍କୁଲକୁ ଯିବାକୁ ପଡ଼େନା, ଦିନସାରା ଖେଳାବୁଲା, ସାଙ୍ଗସାଥୀ ଓ ଗପସପ । ଗାଆଁରେ ମେଳଣ ହୁଏ । ନାଚଗୀତ ଚାଲେ । ଘରେ ଖଜା ପିଠା ତିଆରି ହୁଏ । ଛୁନୁର କିନ୍ତୁ ଏ ସବୁ ଛାଡ଼ି ମନ ଥାଏ ଆଉ ଗୋଟିଏ କଥାକୁ । ହୋଲି ଦିନ କେମିତି ଶୀଘ୍ର ଆସିବ । ବାପାଙ୍କ ଠାରୁ ପଇସା ନେଇ ସେ ହୋଲି ଆଗଦିନରୁ ରଙ୍ଗ କିଣି ରଖିଥାଏ । ପିଚ୍‌କାରିଟିଏ କିଣିଥାଏ । ରଙ୍ଗ ଗାଢ଼ ନା ପତଳା ବୋଲି ତିନି –ଚାରିଥର ପାଣିରେ ପକେଇ ପରୀକ୍ଷା କରିଥାଏ । ସେ ଭାବିଲା – ଏଥରର ହୋଲି ଖେଳରେ ସେ ସବୁଠୁ ବେଶି ମଜା କରିବ । ଏମିତି ଭାବୁ ଭାବୁ ଛୁନୁର ବାପାଙ୍କ କଥା ମନେ ପଡ଼ିଲା । ରଙ୍ଗ କିଣିବା ପାଇଁ ପଇସା ଦେଲାବେଳେ ବାପା ସବୁବେଳେ ତାଗିଦ୍ କରନ୍ତି, "ସାବଧାନ, ଖରାପ ରଙ୍ଗ କିଣିବୁନି କି ହୋଲି ଖେଳିଲା ବେଳେ କାହା ସଙ୍ଗେ ଝଗଡ଼ା କରିବୁନି" । ଯେ ମନା କରିବ ତା ଦେହରେ ରଙ୍ଗ ପକେଇବୁନି । (୪×୨=୮)

କ. ଦୋଳଛୁଟି ଆସିଲେ ଛୁନୁର ମନ କ'ଣ କରେ ?

ଖ. ସ୍କୁଲ ଛୁଟି ଥିଲେ ଛୁନୁ କ'ଣ କରେ ?

ଗ. ରଙ୍ଗ କିଣିଲା ବେଳେ ବାପା ଛୁନୁକୁ କ'ଣ କହିଥାନ୍ତି ?

ଘ. ଛୁନୁ ହୋଲି ରଙ୍ଗକୁ କିପରି ପରୀକ୍ଷା କରିଥାଏ ?

୨. ଯେ କୌଣସି ଗୋଟିଏ ଅନୁଚ୍ଛେଦ ଲେଖ । (୧×୭=୭)

ଆମ ଜାତୀୟ ପତାକା, ଗୁରୁଦିବସ, ତୁମ ବିଦ୍ୟାଳୟ ପାଠାଗାର

୩. ମଶାରୀ ଟାଙ୍ଗି ଶୋଇବା ପାଇଁ ପରାମର୍ଶ ଦେଇ ସାନ ଭଉଣୀ ନିକଟକୁ ପତ୍ର ଲେଖ । (୫×୧=୫)

କିମ୍ବା

ଦଶହରା ଛୁଟି କିପରି କଟାଇବ ବର୍ଣ୍ଣନାକରି ସାଙ୍ଗ ନିକଟକୁ ପତ୍ର ଲେଖ ।

୪. କ) ଶବ୍ଦ ଗୁଡ଼ିକର ଅର୍ଥ ଲେଖ (୫ଟିର) (୫×୧=୫)

ତାରକା, ତଦାରଖ, ପରିଚ୍ଛଦ, ରଜନୀରାଣୀ, ଛପର, ତୀକ୍ଷ୍ଣ, ମଧୁମକ୍ଷିକା

ଖ) ବିପରୀତବୋଧକ ଶବ୍ଦ ଲେଖ । (୫ଟିର) (୫×୧=୫)

ନୂତନ, ସାଧାରଣ, ପୁରସ୍କାର, ଭଲ, ଅଯୋଗ୍ୟ, ସମ୍ପୂର୍ଣ୍ଣ, ଠିଆ

୫. କ) ପ୍ରତିଶବ୍ଦ ଲେଖ । (୫ଟିର) (୫×୧=୫)

ବସନ୍ତଋତୁ, ମେଳା, ସାଙ୍ଗ, ଅଧିକ, କଥା, ଜୀବନ, ଧରା

ଖ) ଶୂନ୍ୟସ୍ଥାନ ପୂରଣ କର । (୫ଟି) (୫×୧=୫)

i. ମାଲକାନ୍ ଗିରି ଆମ ଓଡିଶାର ---------------

ii. ସମସ୍ତେ ସୁଖରେ ରହିଲେ ହିଁ ---------------

iii. ମଧୁବାବୁ ପ୍ରବେଶିକା ପରୀକ୍ଷାରେ ---------------

iv. ସୁଦାମ ଗାଈମାନଙ୍କର ---------------

v. ଟିକି ଟିକି ଧୂଳି କଣିକା ---------------

vi. --------------- ଦେଇ ପାରେ ଯେ ନର ।

vii. ସୁଦାମ ସବୁ ଜିନିଷର ---------------

୬. (କ) ଯୋଗ କର । (୪ଟିର) (୪×୧=୪)

| (କ) | (ଖ) |
|---|---|
| ଦାରୁଣ | ଘରେ |
| ପ୍ରବେଶିକା | ଅନ୍ତରେ |
| କଅଁଳ | ପରୀକ୍ଷା |
| ଆକୁଳ | ଖରା |
| ଘୋଟଇ | ଅଭାବ |
| ବାହୁଡଇ | ଗଗନ |
| | ନୟନ |

(ଖ) ବାକ୍ୟ ଗଠନ କର । (୩ଟି) (୩×୨=୬)

ମଉଜ, ଅପୂର୍ବ, ସୀମା, ଚମତ୍କାର, ବୁଦ୍ଧିହୀନ

MARKING SCHEME (2017-18)
- ODIA

## 'ଖ'ବିଭାଗ

**୭.ସଂକ୍ଷିପ୍ତ ପ୍ରଶ୍ନୋତ୍ତର ଲେଖ ।(୧୦ଟି)** (୧୦×୨=୨୦)

(କ) ବଣ୍ଡା ସ୍ତ୍ରୀ ଲୋକମାନେ ଖୁବ୍ ପରିଶ୍ରମୀ ବୋଲି କିପରି ଜଣାପଡ଼େ ?

(ଖ) ପିଲାଟି ବାଲ୍ୟକାଳରେ ଗଛମୂଳେ ବସି କ'ଣ କରୁଥିଲା ?

(ଗ) ଦିନମଣି ବୋଲି କାହକୁ କୁହାଯାଇଛି ଓ କାହିଁକି ?

(ଘ) ପ୍ରଧାନ ମନ୍ତ୍ରୀ ଚିନ୍ତାମଗ୍ନ ହୋଇପଡ଼ିଲେ କାହିଁକି ?

(ଙ) ଜଙ୍ଗଲ କିପରି ଲୋକମାନଙ୍କର ଉପକାର କରୁଛି ?

(ଚ) ମଧୁବାବୁଙ୍କର ଅଭାବ ଘଟିଲା କାହିଁକି ?

(ଛ) ସକାଳ ବୁଲାରୁ ଫେରି ମଧୁବାବୁ କ'ଣ ଦେଖିଲେ ?

(ଜ) ବଣ୍ଡା ଲୋକମାନେ ଓଡିଶାର କେଉଁ ଜିଲ୍ଲାରେ ବାସ କରନ୍ତି ?

(ଝ) ଗଛ କି କି ଘଟଣା ସବୁ ଦେଖିଛି ବୋଲି କବିତାରେ ଲେଖାଯାଇଛି ?

(ଞ) ରାତି ସମୟରେ ଗହଳ ଚହଳ ଶୁଭେ ନାହିଁ କାହିଁକି ?

(ଟ) ରାଜାଙ୍କର ପ୍ରଧାନ ସଉକ କ'ଣ ଥିଲା ?

(ଠ) ଦୟାମୟଙ୍କ ଚର କହିଲେ କ'ଣ ବୁଝାଏ ?

୮. ସନ୍ଧ୍ୟାହେଲେ ପକ୍ଷୀମାନେ ନିଜ ବସାକୁ ଫେରିଯାଆନ୍ତି, ତୁମେ ତୁମ ଘରକୁ ଫେରି କ'ଣ କର ନିଜ ଭାଷାରେ ଲେଖ । (୧×୫=୫)

କିମ୍ବା

ବୃକ୍ଷ ହିଁ ଜୀବନ । ଗଛବିନା ଜୀବ ଜଗତ ବଞ୍ଚିରହିବା ଅସମ୍ଭବ ବୁଝାଇଲେଖ ।

୯. ପ୍ରଶ୍ନଟିକୁ ପଢ଼ି ଦିଆଯାଇଥିବା ଉତ୍ତର ଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୫×୧=୫)

(କ) ମଧୁବାବୁଙ୍କ ଘରଟି ବର୍ତ୍ତମାନ କେଉଁ କଲେଜରେ ପରିଣତ ହୋଇଛି ?

i) ରମାଦେବୀ ମହିଳା କଲେଜ ii) ଶୈଳବାଳା ମହିଳା କଲେଜ

iii) ସତ୍ୟସାଇ ମହିଳା କଲେଜ iv) କମଳା ନେହେରୁ ମହିଳା କଲେଜ

(ଖ) "ଟିକି ଟିକି" କବିତାଟିର କବି କିଏ ?

i) ମଧୁସୂଦନ ରାଓ ii) ପଣ୍ଡିତ ଗୋଦାବରୀଶ ମିଶ୍ର

iii) କାଳିନ୍ଦୀ ଚରଣ ପାଣିଗ୍ରାହୀ iv) ପଣ୍ଡିତ ନୀଳକଣ୍ଠ ଦାସ

ରୀ ଟାଙ୍ଗି ଶୋଭା ବିଷୟରେ ଲୋକେ କ'ଣ କହୁଥିଲେ ?

i) ରାଜା ଆସି ଭଲ ଶାସନ କରିଛନ୍ତି    ii) ରାଜା ଆଜି ଭଲ ପୋଷାକ ପିନ୍ଧିଛ

iii) ରାଜା ଆଜି ଭଲ ଦେଖାଯାଉଛନ୍ତି    iv) ରାଜା ଆଜି ଭଲ ଖାଇଛନ୍ତି

(ଘ) କେଉଁମାନେ ଗଛ ଲଗାଇବା କଥା କବିତାରେ କୁହାଯାଇଛି ?

i) ବାପା    ii) ଦାଦା

iii) ବଡବାପା    iv) ପିତୃପିତାମହ

(ଙ) ଓଡ଼ିଶାର କେଉଁ ଜିଲ୍ଲାରେ ବଣ୍ଡା ଆଦିବାସୀମାନେ ବସବାସ କରନ୍ତି ?

i) ସମ୍ବଲପୁର    ii) କଟକ

iii) ମାଲକାନଗିରି    iv) ବଲାଙ୍ଗିର